# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 3 August – 2026

***********************************

## ମୁଖ୍ୟ ସମ୍ବାଦ

- ଦେଶର ଯୁବଶକ୍ତି ଜ୍ଞାନ ଓ ପ୍ରତିଭା ମାଧ୍ୟମରେ ବିକଶିତ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି; କହିଲେ ରାଷ୍ଟ୍ରପତି ।

- ଆସନ୍ତାକାଲି ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

- ବନ୍ୟା ପ୍ରଭାବିତଙ୍କ ପାଇଁ ୧୧୦ କୋଟି ଟଙ୍କାର ସହାୟତା ଘୋଷଣା କଲେ ରାଜ୍ୟ ସରକାର ।

- ଲୋକସଭାରେ ପାରିତ ହେଲା ଉଚ୍ଚତମ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍ ୨୦୨୬ ।

ଏବଂ

- ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଛାତ୍ରଛାତ୍ରୀଙ୍କ ବୃତ୍ତି ଘୋଷଣା କଲେ ସରକାର ।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଶିକ୍ଷା କେବଳ ଜ୍ଞାନ ଅର୍ଜନର ମାଧ୍ୟମ ନୁହେଁ, ଏହା ବ୍ୟକ୍ତିତ୍ୱ ଗଠନ, ସାମାଜିକ ପରିବର୍ତ୍ତନ ଓ ରାଷ୍ଟ୍ରର ସମୃଦ୍ଧ ଭବିଷ୍ୟତ ନିର୍ମାଣର ଭିତ୍ତିପ୍ରସ୍ତର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । କଟକ ମୁଣ୍ଡଳି ନିକଟବର୍ତ୍ତୀ ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଓ ସେବାର ପରମ୍ପରା ଓଡ଼ିଶା ମାଟିର ବୈଶିଷ୍ଟ୍ୟ । ବର୍ତ୍ତମାନ ଭାରତ ବିଶ୍ୱର ଅଧିକ ଯୁବଗୋଷ୍ଠୀ ଥିବା ଦେଶ' ଯାହା ଆମର ସବୁଠାରୁ ବଡ ପୁଞ୍ଜି । ଏହାର ସଦୁପଯୋଗ କରିବା ପାଇଁ ବିଶ୍ୱବିଦ୍ୟାଳୟରେ ସଠିକ୍ ବାତାବରଣ ସୃଷ୍ଟି କରିବା ନିତ୍ୟାନ୍ତ ଜରୁରୀ । ଯେଉଁଠାରେ ଯୁବଗୋଷ୍ଠୀ ନିଜ ପ୍ରତିଭାର ବିକାଶ କରି ସ୍ୱପ୍ନ ଓ ଆକାଂକ୍ଷା ପୂରଣ କରିପାରିବେ । ଭାରତର ଯୁବଶକ୍ତି, ଜ୍ଞାନ, ପ୍ରତିଭା ଓ ଶକ୍ତିର ବିନିଯୋଗ କରି ବିକଶିତ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

**- V/O -**

ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ନୈତିକ ଆଦର୍ଶ, ସାମ୍ବିଧାନିକ ମୂଲ୍ୟବୋଧ, ପଛୁଆବର୍ଗଙ୍କ ପାଇଁ ସମାବେଶୀ ଶିକ୍ଷା, ଅନୁସନ୍ଧାନ ଓ ଗବେଷଣା, ଷ୍ଟାର୍ଟଅପ୍ ସଂସ୍କୃତିକୁ ସାମିଲ କରିବା ପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଓ ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ଦିଗରେ ଶିକ୍ଷଣ ସଂସ୍ଥାନ ଗୁଡ଼ିକ

ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

**- V/O -**

ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ବିଶ୍ୱବିଦ୍ୟାଳୟ ଗୁଡ଼ିକ ଶୈକ୍ଷିକ ବାତାବରଣ, ଚାରିତ୍ରିକ ଗଠନ’ ଦେଶର ଭବିଷ୍ୟତକୁ ନୂତନ ରୂପ ଦେଇଥାନ୍ତି । ବର୍ତ୍ତମାନ ସମୟରେ ଜ୍ଞାନର ପରିସୀମା ବୃଦ୍ଧି ପାଉଥିବାବେଳେ ଏହି ଅନୁଷ୍ଠାନର ଉଦ୍‌ଘାଟନ ସ୍ମରଣ କରାଉଛି ଶିକ୍ଷା, ମାନବିକ ମୂଲ୍ୟବୋଧ, ନୈତିକତା, ସମାନତା ଓ ସେବା ମନୋବୃତ୍ତିକୁ ବିକାଶ କରିଥାଏ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଏହି ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଓଡ଼ିଶାକୁ ଗବେଷଣା ଓ ନୈତିକ ଚରିତ୍ର ନିର୍ମାଣର ଏକ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ରରେ ରୂପାନ୍ତରିତ କରିବାର ଏକ ନୂତନ ଯାତ୍ରା । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାର ଯୁବପିଢ଼ୀଙ୍କୁ ଗୁଣାତ୍ମକ ଶିକ୍ଷା ଭିତ୍ତିଭୂମି ଯୋଗାଇ ଦେବାକୁ ସଂକଳ୍ପବଦ୍ଧ । ଗତ ୨ ବର୍ଷ ମଧ୍ୟରେ ସରକାର ଶିକ୍ଷା କ୍ଷେତ୍ର ପାଇଁ ବଜେଟ୍‌ରେ ୭୨ହଜାର କୋଟି ଟଙ୍କାର ପ୍ରାବଧାନ ରଖିଛନ୍ତି । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା କରିଛି ବୋଲି ଶ୍ରୀ ମାଝୀ କହିଛନ୍ତି । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ସ୍ୱାମୀ ମୁକୁନ୍ଦାନନ୍ଦ ମହାରାଜଜୀ ପ୍ରମୁଖ ଉପସ୍ଥିତ ଥିଲେ ।

ରାଷ୍ଟ୍ରପତି ଆସନ୍ତାକାଲି ଭୁବନେଶ୍ୱରରୁ ପୂର୍ବାହ୍ନରେ ବ୍ରହ୍ମପୁର ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବେ ଏବଂ ବ୍ରହ୍ମପୁର ତପ୍ତପାଣିଠାରେ ମା' କନ୍ଧୁଣିଦେବୀ ମନ୍ଦିର ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଗସ୍ତ ପୂର୍ବରୁ ରାଷ୍ଟ୍ରପତି ଆଜି ନୂଆଦିଲ୍ଲୀଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତିର ଉନ୍ମୋଚନ କରିଥିଲେ।

# ବନ୍ୟା ପରବର୍ତ୍ତୀ ପଦକ୍ଷେପ

ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିବା ପରେ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ରାଜ୍ୟ ସରକାର ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି । ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ପାଣ୍ଠି ଯୋଗାଇ ଦିଆଯିବା ସହ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ଜଣ ମୃତକଙ୍କ ନିକଟତମ ପରିବାରବର୍ଗଙ୍କୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମ ଅନୁଯାୟୀ ୨୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯିବ । ବନ୍ୟା

ପ୍ରଭାବିତ ପ୍ରତ୍ୟେକ ପରିବାର ପର୍ଯ୍ୟନ୍ତ ରିଲିଫ ଓ ଆବଶ୍ୟକ ସହାୟତା ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ନିରନ୍ତର କାର୍ଯ୍ୟ ଜାରି ରହିଛି ।

ଭୁବନେଶ୍ୱରଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ବନ୍ୟା ଦ୍ୱାରା ମୋଟ ୨୨ଟି ଜିଲ୍ଲାର ୮୫ଟି ବ୍ଲକ ଓ ୧୪ ଶହ ୫୮ଟି ଗାଁର ୮ ଲକ୍ଷ ୬୩ ହଜାର ୯୦୯ ଜଣ ପ୍ରଭାବିତ ହୋଇଛନ୍ତି। ସମ୍ପୂର୍ଣ୍ଣ ପାଣି ନିଷ୍କାସନ ହୋଇଥିବା ସ୍ଥାନରେ କୃଷି ଓ ରାଜସ୍ୱ ବିଭାଗ କର୍ମଚାରୀ କ୍ଷୟକ୍ଷତି ଆକଳନରେ ନିୟୋଜିତ ରହିଛନ୍ତି। ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ୧ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ଓ ମାଟିଘର ଆଂଶିକ ଭାଙ୍ଗିବା କ୍ଷେତ୍ରରେ ୪ ହଜାର ଓ କୁଡ଼ିଆ ଘର ଭାଙ୍ଗିଥିଲେ ୮ ହଜାର ଟଙ୍କା ମିଳିବ। ଫସଲହାନୀ ପାଇଁ ହେକ୍ଟର ପିଛା ୮ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ  ବୋଲି ମନ୍ତ୍ରୀ  କହିଛନ୍ତି।

ନଦୀବନ୍ଧ ଗୁଡ଼ିକର ସ୍ଥିତି ଏବଂ ଏହାର ପୁନରୁଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଉଛି । ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିବା ସହ କାର୍ଯ୍ୟାରମ୍ଭ  କରୁଛନ୍ତି । ଏଥିସହ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରମୁଖ ନଦୀବନ୍ଧ, ଜଳଭଣ୍ଡାର, ଜଳସେଚନ ସଂରଚନା ଉପରେ ନଜର ରଖାଯାଇଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆଜିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆସନ୍ତା

୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

## ଏସ୍‌ସି ଜଜ୍ ବିଲ୍

ଲୋକସଭାରେ ଆଜି ଉଚ୍ଚତମ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍ ୨୦୨୬ ପାରିତ ହୋଇଛି । ୧୯୫୬ ମସିହାର ଆଇନ୍‌କୁ ସଂଶୋଧନ କରାଯାଇ ଏହି ବିଲ୍ ଉପସ୍ଥାପିତ କରାଯାଇଥିଲା । ୧୯୫୬ ମସିହା ଆଇନ୍‌ରେ ବିଚାରପତିଙ୍କ ସଂଖ୍ୟା ୩୩ ଥିବାବେଳେ ଏବେ ଏହାକୁ ୩୭କୁ ବୃଦ୍ଧି କରାଯାଇଛି । ଚଳିତବର୍ଷ ମେ ମାସରେ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି କରିବା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଧ୍ୟାଦେଶ ଜାରି କରିଥିଲେ । ଏହି ବିଲ୍‌କୁ ଆଗତ କରି କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତରକୁ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି । ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ନ୍ୟାୟାଳୟ ସଂସ୍କାର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ମେଘୱାଲ କହିଛନ୍ତି ।

## ଏମ୍‌ଏସ୍‌ଏମ୍‌ଇ ବିକାଶ ସଂଶୋଧନ ବିଲ୍

ରାଜ୍ୟସଭାରେ ଆଜି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ -ଏମ୍‌ଏସ୍‌ଏମ୍‌ଇ ବିକାଶ ସଂଶୋଧନ ବିଲ୍ ୨୦୨୬ ପାରିତ ହୋଇଛି । ବିଲ୍‌ରେ ଉଦ୍ୟୋଗ ଗୁଡ଼ିକର ଦେୟ ବିଳମ୍ବ ସମସ୍ୟାକୁ ଦୂର କରିବା ସହିତ ବିଭିନ୍ନ ବିବାଦ

ଗୁଡ଼ିକର ସହଜ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି । ବିବାଦ ମାମଲାରେ ମଧ୍ୟସ୍ଥତା ବିଫଳ ହେବା କ୍ଷେତ୍ରରେ ୩୦ ଦିନ ମଧ୍ୟରେ ସମାଧାନ ପାଇଁ ଆବେଦନ କରିବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି । ଯଦି କୌଣସି ମାମଲା ୬ ମାସରୁ ଅଧିକ ସମୟ ଧରି ବିଚାରାଧୀନ ରହେ ସେ କ୍ଷେତ୍ରରେ ଯୋଗାଣକାରୀଙ୍କୁ ଅତି କମ୍‌ରେ ୫୦ ପ୍ରତିଶତ ଅର୍ଥରାଶି ପୈଠ କରାଯିବା ନେଇ ବିଲ୍‌ରେ ଉଲ୍ଲେଖ ରହିଛି । ବିଲ୍ ସମ୍ପର୍କରେ ଆଲୋଚନା କରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ୍‌ରାମ ମାନ୍‌ଝୀ କହିଛନ୍ତି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ କିଛିବର୍ଷ ହେଲା ସରକାରୀ ଅନୁଦାନ ରାଶିକୁ ବୃଦ୍ଧି କରାଯାଇଛି । ୨୦୧୪-୧୫ ଆର୍ଥିକ ବର୍ଷରେ ଏହି ପରିମାଣ ୧୦ଲକ୍ଷ କୋଟି ଥିବାବେଳେ ଏବେ ଏହା ୩୮ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି ।

## ବୃତ୍ତି

ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପିଜି ଓ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ପାଇଁ ମାସିକ ବୃତ୍ତି ଘୋଷଣା କରିଛନ୍ତି । ପିଜି ଛାତ୍ରଛାତ୍ରୀଙ୍କୁ ୨ ବର୍ଷର କୃଷି ଓ ଆନୁଷଙ୍ଗିକ ପାଠ୍ୟକ୍ରମ ପାଇଁ ମାସିକ ୧୦ହଜାର ଏବଂ ପିଏଚ୍‌ଡି ଗବେଷକଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ମାସିକ ୧୫ହଜାର ଟଙ୍କା ପ୍ରଦାନ କରାଯିବ । ଉତ୍ତମ ଗବେଷଣା ପ୍ରୋତ୍ସାହନ ଏବଂ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ଏହି ସହାୟତାର ମୂଳଲକ୍ଷ୍ୟ ।

## ବନ୍ୟା ପରିସ୍ଥିତି ଅନୁଧ୍ୟାନ

ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଆଜି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଏବଂ ଚାନ୍ଦବାଲି ବ୍ଲକର କେତକେ ପଞ୍ଚାୟତ ଓ ଗ୍ରାମରେ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ୩ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି । ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁଯାୟୀ ମୋଟ୍ ୮୧ଟି ଗ୍ରାମ ପଞ୍ଚାୟତ ୧୪୧ଟି ଗ୍ରାମ ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ବନ୍ୟା ପ୍ରଭାବିତ ହୋଇଛି । ପ୍ରଶାସନ ପକ୍ଷରୁ ଆଜି ୧ହଜାର ୩୮ଜଣଙ୍କୁ ରିଲିଫ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ୭ଟି ରିଲିଫ କେନ୍ଦ୍ରରେ ୨ହଜାର ୧୪୯ଜଣ ଆଶ୍ରୟ ନେଇଛନ୍ତି । ବନ୍ୟାଜଳରେ ବୁଡ଼ି ରହିଥିବାରୁ ୬୧ଟି ରାସ୍ତାରେ ଯାତାୟତ ପ୍ରଭାବିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଶୈବପୀଠ-ଜଳଲାଗି

ଶ୍ରାବଣ ମାସର ପ୍ରଥମ ସୋମବାରରେ ଆଜି ବଲାଙ୍ଗିରର ହରିଶଙ୍କରଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଭୋର୍ ୪ଟାରୁ ମନ୍ଦିରରେ ଭକ୍ତଙ୍କ

ସମାଗମ ହୋଇଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ଆଜି ହରିଶଙ୍କରଙ୍କ ପୀଠରେ ଜଳଲାଗି କରିଥିଲେ ।

## ଜାତୀୟ ଅଙ୍ଗଦାନ ଦିବସ

ଅଙ୍ଗଦାନର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଦେଶର ପ୍ରଥମ ସଫଳ ହୃଦ୍ ପ୍ରତିରୋପଣର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ଅଗଷ୍ଟ ମାସ ୩ ତାରିଖକୁ ଜାତୀୟ ଅଙ୍ଗଦାନ ଦିବସ ଭାବେ ପାଳନ କରାଯାଇଆସୁଛି ।

ଏହି ଅବସରରେ ଆଜି ନୂଆଦିଲ୍ଲୀରେ ଆୟୋଜିତ ଷୋଡଶ ଜାତୀୟ ଅଙ୍ଗଦାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଅଙ୍ଗଦାନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସୁଶ୍ରୀ ପଟେଲ କହିଥିଲେ, ଅଙ୍ଗଦାନ ଲାଗି ୨୦୨୩ ମସିହା ଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଡିଜିଟାଲ ପୋର୍ଟାଲରେ ଏପର୍ଯ୍ୟନ୍ତ ୫ ଲକ୍ଷରୁ ଅଧିକ ଆଧାର ପ୍ରାମାଣିକରଣ ଅଙ୍ଗଦାନ ଲାଗି ଶପଥପତ୍ର ପଞ୍ଜିକୃତ ହୋଇଛି ।

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୮୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

**ପୁରୀ** ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଶୁଣାଣି ଶିବିରରେ ୧୦୪ଟି ଅଭିଯୋଗର ଶୁଣାଣି କରାଯାଇ ୩ଟିର ତୁରନ୍ତ ସମାଧାନ କରାଯାଇଥିଲା । ନୟାଗଡ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଶିବିରରେ ୨୦୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

**ମାଲକାନଗିରି** ଜିଲ୍ଲା କାଲିମେଳା ଅନ୍ତର୍ଗତ ତେଲରାଇ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ୩୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

**ନବରଙ୍ଗପୁର** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୫୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ନୂଆପଡା ଜିଲ୍ଲା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ୧୩୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଗୋଟିଏ ମାମଲାର ତତ୍କାଳ ସମାଧାନ କରାଯାଇ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା ।